# NATIONAL NEWS BULLETIN (ODIA)

**21 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଆସାମର ନାମରୁପଠାରେ ୧୨ହଜାର କୋଟି ଟଙ୍କାର ସାର କାରଖାନାର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।
- ସଂସଦର ଆଗାମୀ ଅଧିବେଶନରେ ନକଲି ସାର ଓ କୀଟନାଶକ ଉତ୍ପାଦନ ରୋକିବା ଲାଗି ବିଧେୟକ ଆଗତ କରିବେ ସରକାର - କହିଲେ କେନ୍ଦ୍ର କୃଷି ମନ୍ତ୍ରୀ ।
- ରେଳବାଇ ପକ୍ଷରୁ ଆସନ୍ତା ୨୬ ତାରିଖରୁ ରେଳଭଡ଼ାରେ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ।
- ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଆତତାୟୀଙ୍କ ଗୁଳିରେ ୯ଜଣଙ୍କ ମୃତ୍ୟୁ ।

ଏବଂ

- ୧୯ବର୍ଷରୁ କମ୍ ଏସିସି ପୁରୁଷ ଏସିଆ କପ୍ ୨୦୨୫ର ଫାଇନାଲରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଜାରି ରହିଛି ମ୍ୟାଚ୍ ।

## ଡେ ପିଏମ୍ ଆସାମ

ଆସାମ ଏବଂ ଏହାର ପଡୋଶୀ ରାଜ୍ୟ ଗୁଡ଼ିକରେ ସାରର ଆବଶ୍ୟକତା ପୂରଣ କରିବା ଏବଂ ସାର ଉପରେ ଆମଦାନୀ ହ୍ରାସ କରିବା ଉଦ୍ଦେଶ୍ୟରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମର ଡିବ୍ରୁଗଡ

ଜିଲ୍ଲାସ୍ଥିତ ନାମରୂପଠାରେ ୧୨ହଜାର କୋଟି ଟଙ୍କାର ଏକ ସାର କାରଖାନାର ଶିଳାନ୍ୟାସ କରିଛନ୍ତି । ସଂପୃକ୍ତ ଅଞ୍ଚଳରେ ସାର ଉତ୍ପାଦନ ଏବଂ କୃଷିର ବିକାଶ କରିବା ଉଦ୍ଦେଶ୍ୟରେ ଏହି ସାର କାରଖାନା ସ୍ଥାପନ କରାଯାଉଛି । ଏହି ସାର କାରଖାନାରୁ ବାର୍ଷିକ ୧୨ ଦଶମିକ ୭ଲକ୍ଷ ମେଟ୍ରିକ ଟନ୍ ୟୁରିୟା ଉତ୍ପାଦନ କରିବା ଲକ୍ଷ୍ୟ ରଖାଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଲୋକଙ୍କ ହିତପାଇଁ ସରକାର ସବୁବେଳେ କାର୍ଯ୍ୟ କରୁଛନ୍ତି । ଚାଷୀମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ।

**V/O (PM Gouhati)**

ଆସାମ ଗସ୍ତର ଆଜି ଦ୍ୱିତୀୟ ଦିନରେ ଶ୍ରୀ ମୋଦି ବ୍ରହ୍ମପୁତ୍ର ନଦୀରେ ଏକ କ୍ରୁଜ୍ ଜାହାଜରେ ଯାତ୍ରା କରିବା ସମୟରେ ପରୀକ୍ଷା ପେ ଚର୍ଚ୍ଚାରେ ଭାଗ ନେଉଥିବା ୨୫ ଜଣ ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିବେ । ଆଜି ସକାଳେ ପ୍ରଧାନମନ୍ତ୍ରୀ ପଶ୍ଚିମ ବୋରାଗାଓଁରେ ଆସାମ ଆନ୍ଦୋଳନରେ ସହିଦ ହୋଇଥିବା ୮୬୦ ଜଣ ଯବାନଙ୍କ ସ୍ମୃତିରେ ନିର୍ମିତ ସ୍ୱାହିଦ୍ ସ୍ମାରକ ପରିଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଗତକାଲି ପ୍ରଧାନମନ୍ତ୍ରୀ ଆସାମ ଗସ୍ତର ପ୍ରଥମ ଦିନରେ ଗୁଆହାଟୀଠାରେ ଗୋପୀନାଥ ବୋଡ଼ୋଲୋଇ ଅନ୍ତର୍ଜାତୀୟ ବିମାନ ବନ୍ଦରର ଅତ୍ୟାଧୁନିକ ବାଉଁଶ ଅର୍କିଡ୍ ଟର୍ମିନାଲ କୋଠାର ଉଦ୍‌ଘାଟନ କରିଥିଲେ । ସେଠାରେ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ବୋଡୋଲୋଇଙ୍କର ଏକ ୮୦ ଫୁଟ ଉଚ୍ଚ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ସମ୍ପୃକ୍ତ ବିମାନ ବନ୍ଦରର ନୂଆ ଟର୍ମିନାଲ୍ ୧ ଦଶମିକ ୪ ଲକ୍ଷ ବର୍ଗମିଟର ଅଞ୍ଚଳରେ ନିର୍ମିତ ହୋଇଥିବାବେଳେ ଏହା ବାର୍ଷିକ ୧ କୋଟି

୩୦ ଲକ୍ଷ ଯାତ୍ରୀ ପରିଚାଳନା କରିବାର ଦକ୍ଷତା ରଖିଛି । ସେଠାରେ ଏକ ଜନସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ଆସାମର ବିକାଶ ଲାଗି ପ୍ରତିବଦ୍ଧ ଅଛନ୍ତି । ସେ କହିଛନ୍ତି, ଗତ ୧୧ ବର୍ଷରେ ଆସାମରେ ଅନେକଗୁଡ଼ିଏ ବୃହତ ଐତିହାସିକ ପ୍ରକଳ୍ପ ନିର୍ମାଣ କରାଯାଇଛି ।

***Voice (Assam 11 years)*** :.......

# ଚୌହ୍ୱାନ ଫର୍ଟିଲାଇଜର୍ସ

ସଂସଦର ଆଗାମୀ ଅଧିବେଶନରେ କେନ୍ଦ୍ର ସରକାର କୃଷି ଏବଂ କୃଷକମାନଙ୍କ କଲ୍ୟାଣ ନିମନ୍ତେ ନକଲି ସାର ଓ କୀଟନାଶକ ଉତ୍ପାଦନ ରୋକିବା ଲାଗି ବିଧେୟକ ଆଗତ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି । ଶ୍ରୀ ଚୌହ୍ୱାନ ନକଲି ସାର, କୀଟନାଶକ ଏବଂ ଫସଲରେ ବ୍ୟବହୃତ ହେଉଥିବା ଅନ୍ୟ କେତେକ ଉପାଦନର ବିକ୍ରି ଓ ବ୍ୟବହାର ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ଶ୍ରୀ ଚୌହ୍ୱାନ କହିଛନ୍ତି ଏ ସମ୍ବନ୍ଧରେ ଦୃଢ଼ ଆଇନ୍ ପ୍ରଣୟନ କରାଯିବ ଏବଂ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ନୂଆଦିଲ୍ଲୀରେ ଚୌଧୁରୀ ଚରଣସିଂହ କିଶାନ ସମ୍ମାନ ଉତ୍ସବରେ ଉଦ୍‌ବୋଧନ ଦେବା ଅବସରରେ କହିଛନ୍ତି ସରକାର କୃଷିକ୍ଷେତ୍ରରେ ଘଟୁଥିବା ବିଭିନ୍ନ ନକଲି କାରବାର ପ୍ରତି ସଚେତନ ଅଛନ୍ତି ଓ ଦୃଢ଼ ପଦକ୍ଷେପ ନେବାଲାଗି ପ୍ରସ୍ତୁତ ହେଉଛନ୍ତି ।

ସଂପ୍ରତି ଶେଷ ହୋଇଥିବା ଶୀତକାଳୀନ ଅଧିବେଶନରେ ବିକଶିତ ଭାରତ ଜୀ ରାମ୍ ଜୀ ବିଲ୍ ୧୦୦ଦିନ ପରିବର୍ତ୍ତେ ୧୨୫ଦିନର କର୍ମନିଯୁକ୍ତି ଗ୍ୟାରେଣ୍ଟି ଦେଉଥିବା ଶ୍ରୀ ଚୌହ୍ୱାନ କହିଛନ୍ତି ।

## ଏମ୍‌ପି - ଫିଟ୍ ଇଣ୍ଡିଆ

କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନସ୍ଥ ସଣ୍ଡେଜ୍ ଅନ୍ ସାଇକଲ୍‌ସ ଅଭିଯାନର ଏକବର୍ଷ ପୂର୍ତ୍ତି ଉପଲକ୍ଷେ ପୁଡୁଚେରୀରେ ଉତ୍ସବ ପାଳନ କରାଯାଉଛି । କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟଙ୍କ ନେତୃତ୍ୱରେ ଯୁବଗୋଷ୍ଠୀ ଓ ବିଦ୍ୟାର୍ଥୀମାନେ ଏକ ସାଇକଲ ଶୋଭାଯାତ୍ରାରେ ସହରର ପ୍ରମୁଖ ରାସ୍ତା ପରିକ୍ରମା କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ପୁଡୁଚେରୀର ଉପରାଜ୍ୟପାଳ କେ. କୈଳାସନାଥନ୍ ଓ ମୁଖ୍ୟମନ୍ତ୍ରୀ ଏନ୍ ରଙ୍ଗାସ୍ୱାମୀ ଉଦ୍‌ଘାଟନ କରିଛନ୍ତି । ଏହି ଅଭିଯାନ ନିୟମିତ ସାଇକଲ ଚାଳନ ଅଭ୍ୟାସ ମାଧ୍ୟମରେ ସୁସ୍ଥ ରହିବାର ବାର୍ତ୍ତା ଦେଉଛି । ପୁଡୁଚେରୀ ବିଧାନସଭା ବାଚସ୍ପତି ଆର୍. ସେଲଭାମ୍, ଗୃହମନ୍ତ୍ରୀ ଏ. ନମଶିବାୟମ, ମୁଖ୍ୟ ଶାସନ ସଚିବ ଡକ୍ଟର ଶରତ ଚୌହ୍ୱାନ ଏବଂ ଖେଲରନ୍ ପୁରସ୍କାର ପ୍ରାପ୍ତ ପି.ଆର୍.ରାଜେଶ ଏବଂ ଶରତ କମଲ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସାଇକଲ ଶୋଭାଯାତ୍ରାରେ ପ୍ରଥମ ୩ଜଣ ଦ୍ରୁତ ଚାଳକଙ୍କୁ ସମ୍ମାନିତ କରାଯାଇଛି ।

# ରେଲୱେଜ ଫେୟାର ନ୍ୟାସନାଇଲେଜସ

ଭାରତୀୟ ରେଳବାଇ ପକ୍ଷରୁ ରେଳଭଡ଼ାରେ ପରିବର୍ତ୍ତନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି । ନୂତନ ଭଡ଼ା ଆସନ୍ତା ୨୬ ତାରିଖରୁ ଲାଗୁ ହେବ । ପରିବର୍ତ୍ତିତ ଢ଼ାଞ୍ଚା ଅନୁଯାୟୀ ୨୧୫ କିଲୋମିଟର ପର୍ଯ୍ୟନ୍ତ ସାଧାରଣ ଶ୍ରେଣୀ ଯାତ୍ରାଭଡ଼ାରେ କୌଣସି ବୃଦ୍ଧି କରାଯାଇନାହିଁ । ୨୧୫ କିଲୋମିଟର ପରେ ଭଡ଼ାରେ ୧ ପଇସା ବୃଦ୍ଧି କରାଯାଇଥିବାବେଳେ ଅଣ ବାତାନୁକୁଳିତ ମେଲ୍ ଏବଂ ଏକ୍ସପ୍ରେସ୍ ଟ୍ରେନ୍‌ରେ କିଲୋମିଟର ପିଛା ୨ ପଇସା ଭଡ଼ା ବୃଦ୍ଧି କରାଯାଇଛି । ବାତାନୁକୁଳିତ ଶ୍ରେଣୀରେ ମଧ୍ୟ କିଲୋମିଟର ପିଛା ୨ ପଇସା ବୃଦ୍ଧି କରାଯାଇଛି । ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ବୃଦ୍ଧି ଦ୍ୱାରା ବାର୍ଷିକ ୬୦୦ କୋଟି ଟଙ୍କା ଆୟ ହୋଇପାରିବ । ଗତ ଦଶନ୍ଧିରେ ରେଳବାଇ କ୍ଷେତ୍ରରେ ନେଟୱର୍କ ସମ୍ପ୍ରସାରଣ ଏବଂ ପରିଚାଳନାଗତ ଖର୍ଚ୍ଚ ବୃଦ୍ଧି ପାଇଥିବା କୁହାଯାଇଛି । ରେଳବାଇ ପକ୍ଷରୁ ମାନବସମ୍ବଳ ବୃଦ୍ଧି କରି ପରିଚାଳନାଗତ ନିରାପତ୍ତାକୁ ଅଧିକ ଉନ୍ନତ କରିବା ଲାଗି ପଦକ୍ଷେପ ନିଆଯାଉଥିବା ସୂଚନା ମିଳିଛି । ମାନସମ୍ବଳ ଜନିତ ଖର୍ଚ୍ଚ ଭରଣା ପାଇଁ ରେଳବାଇ ପକ୍ଷରୁ ମାଲ୍ ପରିବହନ ସମେତ ଯାତ୍ରୀଭଡ଼ାରେ ସାମାନ୍ୟ ପରିବର୍ତ୍ତନ କରାଯାଇଥିବା କୁହାଯାଇଛି ।

## ସାଉଥ୍ ଆଫ୍ରିକା - ସୁଟିଂ

ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗ ନିକଟସ୍ଥ ଏକ ଲୋକାରଣ୍ୟ ଅଞ୍ଚଳରେ ଅଜଣା ଆତତାୟୀଙ୍କ ଗୁଳିରେ ୯ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଥିବା ଜଣାପଡିଛି । ଜୋହାନ୍ସବର୍ଗର ମୁଖ୍ୟ ଅର୍ଥନୈତିକ କେନ୍ଦ୍ର ନିକଟବର୍ତ୍ତୀ ଅଞ୍ଚଳରେ ଏହି ଗୁଳିକାଣ୍ଡ ଘଟିଛି । ସେଠାକାର ପୁଲିସ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି । ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇନଥିବା ସୂଚନା ମିଳିଛି ।

## ଏଆଇ-ଆଡଭାଇଜରୀ

ଘନ କୁହୁଡ଼ି ଯୋଗୁଁ ଦୃଶ୍ୟମାନସ୍ଥିତି ହ୍ରାସ ପାଇଥିବାରୁ ଅନେକଗୁଡ଼ିଏ ବିମାନର ଉଡାଣ ବାତିଲ ଏବଂ ପରିବର୍ତ୍ତନ ହେବା ପରେ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ଏ.ଏ.ଆଇ ସତର୍କତା ଜାରି କରିଛନ୍ତି । ବିଶେଷକରି ଦକ୍ଷିଣଭାରତରେ ଆଜି ସକାଳେ ପ୍ରବଳ କୁହୁଡ଼ି ଯୋଗୁଁ ଅନେକଗୁଡ଼ିଏ ବିମାନ ଉଡାଣରେ ବିଳମ୍ବ ଘଟିଥିଲା। । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ପ୍ରଦୂଷଣର ମାତ୍ରା ବୃଦ୍ଧି ଯୋଗୁଁ ଘନ କୁହୁଡି ପାଇଁ ଦୃଶ୍ୟମାନ ସ୍ଥିତିରେ ହ୍ରାସ ଘଟୁଛି । ଇତିମଧ୍ୟରେ ଦିଲ୍ଲୀ, ଉତ୍ତରପ୍ରଦେଶ, ହରିୟାଣା ଏବଂ ଚଣ୍ଡୀଗଡର କେତେକ ଅଞ୍ଚଳରେ ଘନ କୁହୁଡି ନେଇ ସତର୍କତା ଜାରି କରାଯାଇଛି । ଏହାଦ୍ୱାରା ବିମାନ ଏବଂ ରେଳସେବା ଓ ସଡ଼କ ପରିବହନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବା ନେଇ ସତର୍କତା ଜାରି କରାଯାଇଛି । ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ଏକ

ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଯାତ୍ରୀମାନଙ୍କୁ ସେମାନଙ୍କ ନିର୍ଦ୍ଧାରିତ ଯାତ୍ରା ସମ୍ପର୍କରେ ଆଗୁଆ ଯାଞ୍ଚ କରିବା ଲାଗି ପରାମର୍ଶ ଦେଇଛନ୍ତି । ଯେଉଁସବୁ ବିମାନ ବନ୍ଦରରେ ଘନ କୁହୁଡି ଯୋଗୁଁ ଅସୁବିଧା ସୃଷ୍ଟି ହୋଇଛି ସେଠାରେ ସବିଶେଷ ସୂଚନା ଦେବାଲାଗି କର୍ମଚାରୀ ନିୟୋଜନ କରାଯାଇଥିବା କୁହାଯାଇଛି ।

ଅନ୍ୟପକ୍ଷରେ ଇଣ୍ଡିଗୋ ପକ୍ଷରୁ ମଧ୍ୟ ଘନ କୁହୁଡ଼ି ଯୋଗୁଁ ଦେଖାଦେଇଥିବା ସମସ୍ୟା ସମ୍ପର୍କରେ ଅବଗତ କରାଯାଇଛି ।

## ପାକିସ୍ତାନ ପ୍ରୋଟେଷ୍ଟ

ଦ୍ୱିତୀୟ ତୋଷଖାନା ଠକେଇ ମାମଲାରେ ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ଏବଂ ତାଙ୍କ ପତ୍ନୀ ବୁସ୍‌ରା ବିବିଙ୍କୁ ୧୭ବର୍ଷ ଜେଲ୍‌ଦଣ୍ଡ ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ ଚଳାଇବାକୁ ସେ ନିଜ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି । ପାକିସ୍ତାନ ତେହେରିକ୍-ଏ-ଇନ୍‌ସାଫ ପାର୍ଟି ପକ୍ଷରୁ କୁହାଯାଇଛି ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଇମ୍ରାନ ଖାଁଙ୍କ ପକ୍ଷରୁ ନିର୍ଦ୍ଦେଶ ମିଳିବା ପରେ ଏହି କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି । କର୍ମୀମାନଙ୍କୁ ଦୀର୍ଘଦିନ ଧରି ଆନ୍ଦୋଳନ ଜାରି ରଖିବାକୁ କୁହାଯାଇଥିବା ପାର୍ଟି ପକ୍ଷରୁ ସ୍ପଷ୍ଟ କରାଯାଇଛି । ସୂଚନା ଅନୁଯାୟୀ ୨୦୨୧ ମସିହାରେ ସାଉଦୀ ଆରବରୁ ମିଳିଥିବା ଉପହାରଗୁଡ଼ିକୁ ତୋଷଖାନାରେ ନରଖି ନିଜ ହେପାଜତକୁ ନେଇଥିବାରୁ

ଉଭୟ ଇମ୍ରାନ ଖାଁ ଏବଂ ତାଙ୍କ ପତ୍ନୀ ବୁସ୍‌ରା ବିବିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା ।

## କୋଲକାତା-ସିନେମା

ସିନେମା ହେଉଛି ପ୍ରାକୃତିକ ପରିବେଶ ଏବଂ ଜୀବଜନ୍ତୁମାନଙ୍କ ଉଦ୍ଦେଶ୍ୟରେ ଜନସଚେତନତାର ଶକ୍ତିଶାଳୀ ସାଂସ୍କୃତିକ ମାଧ୍ୟମ । ପିପୁଲ ଫର ଆନିମଲ୍ସ ସଂଗଠନର ଅଧ୍ୟକ୍ଷ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମେନକା ସଞ୍ଜୟ ଗାନ୍ଧୀ ଗତକାଲି କୋଲକାତାର ସିନେଟୋଇମ୍ ଆଓ୍ୱାର୍ଡ ସମାରୋହରେ ଯୋଗଦେବା ଅବସରରେ ଏହି ବାର୍ତ୍ତା ଦେଇଥିଲେ । ଭାରତୀୟ ଚଳଚ୍ଚିତ୍ର ମହାସଂଘ ଏବଂ ପ୍ରାଣୀମାନଙ୍କ ପାଇଁ ଜନତା ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜୀବେଦୟା ଏବଂ ଚଳଚ୍ଚିତ୍ର ନିର୍ମାତାମାନଙ୍କ ଦ୍ୱାରା ସାମାଜିକ ସଚେତନତା ସୃଷ୍ଟି । ସିନେକାଇଣ୍ଡ୍ ପୁରସ୍କାର ସଂଗଠନର ସଭାପତି ଫିର୍ଦ୍ଦୋସାଲ ହସଲ ପିପୁଲ୍ସ ଫର ଆନିମଲ୍ସର ଅଧ୍ୟକ୍ଷା ମେନକା ଗାନ୍ଧୀଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠା କରାଯାଇଥିଲା ।

## କ୍ରିକେଟ୍

୧୯ବର୍ଷରୁ କମ୍ ଏସିସି ପୁରୁଷ ଏସିଆ କପ୍ ୨୦୨୫ର ଫାଇନାଲରେ ଦୁବାଇର ଆଇସିସି ଏକାଡେମୀ ପଡ଼ିଆରେ ଭାରତ ଏବଂ

ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଜାରି ରହିଛି । ଟସ୍ ଜିତି ଭାରତ ବୋଲିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ପାକିସ୍ତାନ ୪୫ ଓଭରରେ ୬ଟି ଓ୍ୱିକେଟ୍ ହରାଇ ୩୧୯ରନ୍ ସ୍କୋର କରିଛି ।

ସେମିଫାଇନାଲରେ ଭାରତ ୮ ଓ୍ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିବାବେଳେ ପାକିସ୍ତାନ ବାଂଲାଦେଶକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା ।